# ଜୀବନ କଥା

"Jibana Katha" Cuttack Centre, KFI Odia Newsletter

ମଇ - ଅଗଷ୍ଟ, ୨୦୧୪




ପରେ ପରେ...


କ୍ରିଷ୍ଣମୂର୍ତ୍ତିଙ୍କ ଡାଏରୀରୁ ପୃ : ୧

ଘୃଣାର ପ୍ରକ୍ରିୟା ପୃ : ୨

ସମୟ ପୃ : ୪

ମୃତ୍ୟୁ ଭୟ ପୃ : ୫

ଜେ. କ୍ରିଷ୍ଣମୂର୍ତ୍ତିଙ୍କ ସ୍ମୃତିରୁ କିଛି ପୃ : ୬


ସୁଧୀ ପାଠକଗଣ,

ବିଗତ ତିନି ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ଏହି 'ଜୀବନ କଥା' ପତ୍ରିକାଟି ପ୍ରତ୍ୟେକ ଚାରି ମାସରେ ଥରେ ଲେଖାଁ ପ୍ରକାଶିତ ହେବାରେ ଲାଗିଛି। ଏହି ଅନୁଷ୍ଠାନ ଯତ୍‌ପରୋନାସ୍ତି ଉଦ୍ୟମ କରି ଏହାକୁ ଓଡ଼ିଶାର କୋଣ ଅନୁକୋଣରେ ଥିବା ପାଠକମାନଙ୍କ ନିକଟକୁ ଆପଣା ଖର୍ଚ୍ଚରେ ପଠାଇବାର ବନ୍ଦୋବସ୍ତ କରିବାରେ ଚେଷ୍ଟିତ। ଏଥିରେ ପ୍ରକାଶିତ ଲେଖାଗୁଡ଼ିକ ଜେ. କ୍ରିଷ୍ଣମୂର୍ତ୍ତିଙ୍କର ବିଭିନ୍ନ ଲେଖା ଓ ଭାଷଣରୁ ସଂଗୃହୀତ। ଏହି ପତ୍ରିକାର ଉଦ୍ଦେଶ୍ୟ ହେଲା ଏହାକୁ ପାଇବା ପରେ କେହି କେବେ ନା କେବେ ଏଥିରେ ଟିକିଏ ଆଖି ବୁଲେଇବେ। ଏହାକୁ ସେ ମାମୁଲି ଢଙ୍ଗରେ ପଢ଼ନ୍ତୁ ବା ସମାଲୋଚନା ମୂଳକ ଭାବରେ ପଢ଼ନ୍ତୁ ଆମେ ଚାହୁଁ ପାଠକ ଟିକିଏ ଏହାକୁ ପଢ଼ନ୍ତୁ; ଏହାର ବିଷୟ ବସ୍ତୁକୁ ଜାଣନ୍ତୁ। ଜୀବନରେ ପ୍ରତ୍ୟେକ ଜିନିଷର କିଛି ନା କିଛି ଯଥାଯଥ ଉପାଦେୟତା ରହିଛି; ଏପରି କି ରାସ୍ତାର ଆବର୍ଜନା ସାପ ଗରଳର ମଧ୍ୟ। ତଫାତ୍ କେବଳ ଏତିକି ଯେ ଆମେ ସବୁ ଜିନିଷକୁ ଠିକ୍ ରୂପେ ବୁଝି ପାରୁନାହିଁ ସେଥିପାଇଁ ତାହାକୁ ଗ୍ରହଣ କରୁ ନାହିଁ। ତେଣୁ ଅନୁରୋଧ ଆପଣ ଏହାକୁ ଅନ୍ତତଃ ଟିକିଏ ଏହାକୁ ପଢ଼ିବେ। ନିଜର ମତାମତ ଟେଲିଫୋନ୍ ଯୋଗେ କି, ଇ-ମେଲ୍ ଯୋଗେ ବା ଚିଠି ମାଧ୍ୟମରେ ଜଣାଇବେ। ସୁବିଧା ହେଲେ କଟକର ପୁରୀଘାଟ୍ ଠାରେ ଥିବା ଏହି ଅନୁଷ୍ଠାନକୁ ଥରେ ହେଲେ ବୁଲି ଆସିବେ ଓ ଆମକୁ କୃତାର୍ଥ କରାଇବେ।

। ସଂପାଦିକା।

# କ୍ରିଷ୍ଣମୂର୍ତ୍ତିଙ୍କ ଡାଏରୀରୁ...

**ନ୍ୟୁୟର୍କ :** ଜୁଲାଇ ୨୧, ୧୯୬୧

ଥଣ୍ଡା, ଶର୍ଦ୍ଦି ଓ ଜରୁଆ ଅବସ୍ଥା ସତ୍ତ୍ୱେ ସେହି ସମୁଦାୟ ପ୍ରକ୍ରିୟା ସେମିତି ତାର ଚାଲିଛି, ବରଂ ବେଶୀ ତୀବ୍ର, ବେଶୀ ଅଝଟିଆ ହେଇ ଉଠିଛି। କେତେକାଳ ଏ ଦେହ ଆଉ ଏମିତି ସମ୍ଭାଳି ପାରିବ— ସେତକ ଦେଖିବା କଥା।

କାଲି ଯେତେବେଳେ ଗୋଟିଏ ସଂକୀର୍ଣ୍ଣ ସୁନ୍ଦର ଉପତ୍ୟକାର ଉପରମୁଣ୍ଡ ଆଡ଼କୁ ଆମେ ଚାଲି ଚାଲି ଯାଉଥିଲୁ, ତାର ତୀଖପଟ ଜାଗାଗୁଡ଼ିକ ଘନ ପାଇନ ଗଛରେ ଢାଙ୍କି ହେଇ ରହିଥିଲା; ଆଉ ସବୁଜ କ୍ଷେତଗୁଡ଼ାକ ଜଙ୍ଗଲି ଫୁଲରେ ଭରି ଯାଇଥିଲା— ସେତିକିବେଳେ ହଠାତ୍ ଅତି ଅପ୍ରତ୍ୟାଶିତ ଭାବରେ, କାରଣ ସେତେବେଳେ ତ ଆମେ ଅନ୍ୟାନ୍ୟ ବିଷୟ ନେଇ କଥାବାର୍ତ୍ତା ପକେଇଥିଲୁ, ସେହି ସମୟରେ ଆକାଶର ଝିରି ଝିରି ବାରିଧାରା ପରି ଏକ ପରମ ଆଶୀର୍ବାଦର ଧାରା ଆମରି ଉପରକୁ ଝରି ଆସିଲା, ଆଉ ଆମେ ତାର କେନ୍ଦ୍ର ହେଇଗଲୁ। ତାହା ଅତ୍ୟନ୍ତ ମୃଦୁ ଓ ନଛୋଡ଼ବନ୍ଧା ଭାବେ, ଅପରିସୀମ କୋମଳ ଓ ଶାନ୍ତିମୟ ଥାଇ ଆମକୁ ଏଭଳି ଏକ ଶକ୍ତିରେ ଆଚ୍ଛାଦିତ କରି ପକାଇଲା ଯାହା କି ସମସ୍ତ ଦୋଷ ତ୍ରୁଟି ଓ ବୁଦ୍ଧି ବୃତ୍ତିର ଅଗୋଚର ଥିଲା।

ଆଜି ପ୍ରତ୍ୟୁଷରେ ନିଦରୁ ଉଠି ମୋ ଲୁଗା ପାଲଟି ବସିଲି; ଠିକ୍ ଏତିକିବେଳେ ଏକ ଅତୁଟ ପରିଶୁଦ୍ଧକାରୀ ଗୁରୁ ଗମ୍ଭୀରତା ଓ ଆନନ୍ଦ ଉଲ୍ଲାସର ଝର ଝରିବାରେ ଲାଗିଲା, ଯାହା ଦେଖାଦେବା ମୂଳରେ କି କୌଣସି କାରଣ ହିଁ ନ ଥିଲା। ବିନା କାରଣରେ ସେମିତି ସେ ରହିଥିଲା। ପୁଣି ଦିନଯାକ ଯୋଉ କାମରେ ହାତ ଦେଲେ ସୁଦ୍ଧା ତାହା ବରାବର ପୃଷ୍ଠଭୂମିରେ ହିଁ ଥିଲା, ଆଉ ଚୁପ୍‌ଚାପ୍ ହେଇଗଲା ମାତ୍ରେ ଚଟ୍‌କରି ଉଭା ହେଇ ଯାଉଥିଲା। କେମିତି ଗୋଟାଏ ଏକାନ୍ତ ପ୍ରୟୋଜନୀୟତା ଓ ମାଧୁର୍ଯ୍ୟତା ଭିତରେ ଯେମିତି ଭରି ରହିଛି।

ମଣିଷର କୌଣସି ପ୍ରକାର କଳ୍ପନା ଜଳ୍ପନା କି କାମନା ବାସନା— କିଛିହେଲେ ସେହି ପ୍ରଖର ଗାମ୍ଭୀର୍ଯ୍ୟକୁ ସେଭଳି ରୂପ ଆକାର ଦେଇପାରିବ ନାହିଁ।

# କାର୍ଯ୍ୟକ୍ରମ ସମ୍ବନ୍ଧରେ...

ପ୍ରତ୍ୟେକ ମାସର ପ୍ରଥମ, ତୃତୀୟ ଓ ପଞ୍ଚମ ରବିବାର ଦିନ ଗୁଡ଼ିକରେ ଏଠାରେ ସକାଳ ୯: ୩୦ ରେ ନିୟମିତ ରୂପେ Group Discussion ମାନ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ପାଠକମାନେ ଜେ. କ୍ରିଷ୍ଣମୂର୍ତ୍ତିଙ୍କ ଲେଖାକୁ ବୁଝିବାରେ ନିଜ ନିଜର ଅସୁବିଧାମାନ ଉପସ୍ଥାପିତ କରି ତାହାକୁ ଦୂର କରିବାରେ ପରସ୍ପର ମଧ୍ୟରେ ଆଲୋଚନା କରିଥା'ନ୍ତି। ଏହି ସୁଯୋଗର ସୁବିଧା ନେବା ନିମନ୍ତେ ସମସ୍ତ ପାଠକଙ୍କୁ ଏହି ଅନୁଷ୍ଠାନ ସାଦର ନିମନ୍ତ୍ରଣ ଜଣାଉଛି।

# ଘୃଣାର ପ୍ରକ୍ରିୟା

ସେ ଜଣେ ଶିକ୍ଷୟିତ୍ରୀ ଥିଲେ– ଏକଦା ପାଠ ପଢ଼ାଉଥିଲେ। ବଡ଼ ସ୍ନେହୀ ଓ ଦୟାଳୁ ପ୍ରକୃତିର ସେ ଥିଲେ; କହିବାକୁ ଗଲେ ଏଇଟା ତାଙ୍କର ଗୋଟିଏ ରୁଟିନ୍‌ରେ ପଡ଼ିଯାଇଥିଲା। ସେ କହିଲେ ଯେ, ପ୍ରାୟ ପଚିଶ ବର୍ଷରୁ ଉର୍ଦ୍ଧ୍ୱ କାଳ ସେ ପାଠ ପଢ଼ାଇ ଆସିଛନ୍ତି, ଆଉ ସେଥିରେ ସେ ବେଶ୍ ଆନନ୍ଦ ମଧ୍ୟ ଅନୁଭବ କରିଛନ୍ତି। ଯଦିଓ ଶେଷବେଳକୁ ୟାକୁ ସବୁ ଛାଡ଼ି ଦେଇ ବାହାରି ଆସିବାକୁ ତାଙ୍କର ଇଚ୍ଛା ଥିଲା ତଥାପି ସେ ଛାଡ଼ି ନ ଥିଲେ। ଏବେ ଗଲା କିଛିଦିନ ଧରି ସେ ଗୋଟିଏ କଥା ଆବିଷ୍କାର କରିଛନ୍ତି, ଯାହା କି ବହୁକାଳରୁ ତାଙ୍କ ସ୍ୱଭାବରେ ରହି ଆସିଛି। ଏମିତି ଦିନେ ଆଲୋଚନା କରୁ କରୁ ସେ ହଠାତ୍ ତାର ସନ୍ଧାନ ପାଇଥିଲେ। ଆଉ ତାହା ତାଙ୍କୁ ଯେତିକି ସ୍ତମ୍ଭିତ କରିଦେଲା ସେତିକି ଆଘାତ ମଧ୍ୟ ଦେଇଥିଲା। ସେ ଜିନିଷଟା ତାଙ୍କରି ଭିତରେ ରହିଥିଲା। ଅବଶ୍ୟ ଏଥିପାଇଁ ସେ ନିଜକୁ ଦୋଷ ଦେଉ ନଥିଲେ। ତା ପରେ ମୁହଁ ଫେରାଇ ଅତୀତକୁ ଚାହିଁ ଦେଖିଲେ ଯେ ସେ ଜିନିଷଟା ବରାବର ତାଙ୍କ ଭିତରେ ହିଁ ରହିଥିଲା। ପ୍ରକୃତ କଥାଟା ହେଲା– ସେ ଘୃଣା କରୁଥିଲେ। ନିର୍ଦ୍ଦିଷ୍ଟ କୋଉ ଲୋକକୁ ଯେ ଘୃଣା କରୁଥିଲେ ତାହା ନୁହେଁ। କିନ୍ତୁ ଏକ ସାର୍ବଜନୀନ ଘୃଣାଭାବ ତାଙ୍କଠାରେ ଥିଲା। ପ୍ରତ୍ୟେକ ଲୋକ ପ୍ରତି, ପ୍ରତିଟି ଜିନିଷ ପ୍ରତି ତାଙ୍କ ମନରେ ଏକ ରୁଦ୍ଧ ପ୍ରତିକୂଳ ଭାବ ରହିଥିଲା। ଯେଉଁଦିନ ପ୍ରଥମ କରି ସେ ଏକଥା ଆବିଷ୍କାର କଲେ, ଭାବିଲେ ଯେ ବୋଧହୁଏ ଏଇଟା ଗୋଟାଏ ଉପରଠାଉରିଆ ଭାବ ଯାହାକୁ କି ସହଜରେ ପୋଛି ଦେଇ ହେବ। କିନ୍ତୁ ଦିନକୁ ଦିନ ସେ ଅନୁଭବ କରିବାକୁ ଲାଗିଲେ ଯେ ଏଇଟା ସେମିତି କିଛି ହାଲୁକା ଜିନିଷ ନୁହେଁ– ଜୀବନଟା ସାରା ତାଙ୍କ ଭିତରେ ଏକ ଗଭୀର ଘୃଣାଭାବ ରହି ଆସିଛି। ଅର୍ଥାତ୍ ସେ ଯେ ଆଜିଯାକେ ନିଜକୁ ସ୍ନେହୀ ଓ ଦୟାଳୁ ମନେ କରୁଥିଲେ, ସେଇ କଥାଟା ଏବେ ତାଙ୍କୁ ପ୍ରଚଣ୍ଡ ଆଘାତ ଦେଲା।

ପ୍ରେମ ବା ଭଲ ପାଇବାଟା ଏକ ଅଦ୍ଭୁତ ପଦାର୍ଥ। ଯେ ପର୍ଯ୍ୟନ୍ତ ସେଥିରେ ଭାବନା ଗୁନ୍ଥି ହୋଇ ରହିଥାଏ– ତାହା ଭଲ ପାଇବା ହୁଏ ନାହିଁ। ତମେ ଯାହାକୁ ଭଲ ପାଅ, ଯେତେବେଳେ ତା ବିଷୟରେ ଚିନ୍ତା କର, ସେତେବେଳେ ସେ ଲୋକଟି ତମ ପାଇଁ ସୁଖପ୍ରଦ ଉତ୍ତେଜନା, ସ୍ମୃତି, ଛବି ଆଦିର ଏକ ପ୍ରତୀକ ଭାବରେ ଛିଡ଼ା ହୁଏ। କିନ୍ତୁ ତାହା ପ୍ରେମ ନୁହେଁ। ଭାବନା ହେଉଛି ଏକ ଭାବାବେଗ, ଆଉ ଭାବାବେଗଟା କେବେହେଲେ ଭଲ ପାଇବା ହୋଇପାରେନା। ଭାବନାର ଧାରା ମାତ୍ରକେ ହିଁ ତାହା ଭଲ ପାଇବାକୁ ବାରଣ କରେ। ଭଲ ପାଇବାଟା ହେଲା ଏକ ବହ୍ନି, ଯେଉଁଥିରେ କି ଭାବନାର ଧୂଆଁ, ଈର୍ଷା, ବିରୋଧ ଭାବ, ଉପଯୋଗ ଆଦିର ଧାସ ସୁଦ୍ଧା ବାକି ନଥାଏ– ସେସବୁ ଜିନିଷ ହେଲା ମନର ପରିସରଭୁକ୍ତ। ମନର କଥା ଗୁଡ଼ାକ ଯେ ପର୍ଯ୍ୟନ୍ତ ହୃଦୟରେ ଜମି ରହିଥିବ, ସେ ପର୍ଯ୍ୟନ୍ତ ଘୃଣାଭାବ ନିଶ୍ଚୟ ରହିବ– କାରଣ ମନ ହେଉଛି ଘୃଣା, ପ୍ରତିକୂଳ ଭାବ, ବିରୁଦ୍ଧାଚରଣ, ଦ୍ୱନ୍ଦ୍ୱ ଆଦିର ବାସସ୍ଥାନ। ଭାବନା ହେଉଛି ଏକ ପାରସ୍ପରିକ କ୍ରିୟା; ଆଉ ପାରସ୍ପରିକ କ୍ରିୟା ସଦାବେଳେ, ଯେଉଁ ବାଟରେ ବି ହେଲେ, ଶତ୍ରୁତାର କାରଣ ସାଜିଥାଏ। ଭାବନା ମାତ୍ରକେ ହେଉଛି ବିରୋଧିତା, ଘୃଣା; ଭାବନାଟା ସଦାବେଳେ ପ୍ରତିଯୋଗିତା କରିବାରେ ଲାଗିଥାଏ, ଏକ ପରିସମାପ୍ତି ଖୋଜୁଥାଏ, ସଫଳତା ଲାଭ ଚାହୁଁଥାଏ; ସୁଖ ଆମୋଦ ଲାଭରେ ତା'ର ପୂର୍ଣ୍ଣତା ଆସିଥାଏ। ଆଉ ତାହା ନ ପାଇଲେ ତୀବ୍ର ଅଶ୍ରଦ୍ଧା ଜାତ ହୋଇଥାଏ। ଭାବନା କୌଣସି ବିପକ୍ଷର ସମ୍ମୁଖୀନ ହେଲେ ଦ୍ୱନ୍ଦ୍ୱ, ସଂଘର୍ଷ ଦେଖାଦିଏ, ଆଉ ବିପକ୍ଷର ସଂଶ୍ଳେଷଣ ମଧ୍ୟ ସେଇ ତୀବ୍ର ଅଶ୍ରଦ୍ଧା।

ଆଗନ୍ତୁକ : "ଦେଖନ୍ତୁ, ମୁଁ ସବୁବେଳେ ଭାବୁଥିଲି ଯେ ପିଲାମାନଙ୍କୁ ମୁଁ ଭାରି ଭଲ ପାଏ ବୋଲି, ଆଉ ସେମାନେ ବଡ଼ ହେଲାପରେ ମଧ୍ୟ ନିଜର ଦୁଃଖ କଷ୍ଟରେ ମୋ ପାଖକୁ ଆଶ୍ୱାସନା ପାଇଁ ଧାଇଁ ଆସୁଥିଲେ। ମୁଁ ଧରି ନେଇଥିଲି ଯେ ମୁଁ ସେମାନଙ୍କୁ ଭଲ ପାଏ– ବିଶେଷ କରି ଯେଉଁମାନେ ମୋର ସବୁଠାରୁ ପ୍ରିୟ ଥିଲେ, ମୋର କ୍ଲାସରେ ନଥିଲେ– ସେଇମାନଙ୍କୁ। କିନ୍ତୁ ଏବେ ମୁଁ ଜାଣୁଛି ଯେ, ମୋ ଭିତରେ ସଦାବେଳେ ଏକ ଛପିଲା ଘୃଣାଭାବ, ଏକ ଶକ୍ତ ପ୍ରତିକୂଳ ମନୋବୃତ୍ତି ରହିଥିଲା। ଏକଥା ଥରେ ଜାଣିଗଲା ପରେ ମୁଁ କଣ କରିବି କୁହନ୍ତୁ ତ? ମୁଁ ଯେ କେଡ଼େ ଭୀତତ୍ରସ୍ତ ହୋଇଯାଇଛି, ସେ କଥା ଆପଣ ବିଶ୍ୱାସ କରିବେ ନାହିଁ। ଯଦିଓ ଆପଣ କହନ୍ତି ଯେ ଆମେ କୌଣସି କଥାକୁ ଦୋଷାରୋପ କରିବା ଉଚିତ ନୁହେଁ, ତଥାପି ଏ ପ୍ରକାର ଆବିଷ୍କାର ମୋ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ ହୋଇଛି।"

କ୍ରିଷ୍ଣମୂର୍ତ୍ତି : ଘୃଣା ବା ତୀବ୍ର ଅଶ୍ରଦ୍ଧାର ଧାରାକୁ ମଧ୍ୟ ତମେ ଆବିଷ୍କାର କରିପାରିଛ କି? ତାର କାରଣଟିକୁ ଜାଣିବା, ତମେ କାହିଁକି ଘୃଣା କରୁଛ ସେ କଥାକୁ ଜାଣିବା ତ ଅପେକ୍ଷାକୃତ ସହଜ; କିନ୍ତୁ ଘୃଣାର ପ୍ରକ୍ରିୟା ବିଷୟରେ ତମେ ସଚେତନ କି? ଗୋଟିଏ ଅଜଣା, ଅଚିହ୍ନା, ଜନ୍ତୁଟିକୁ ତମେ ଯେମିତି ଅନାଇ ଦେଖନ୍ତ ତାକୁ ଠିକ୍ ସେମିତି ଲକ୍ଷ୍ୟ କରି ଦେଖୁଛ କି?

ଆଗନ୍ତୁକ : "ଏସବୁ ତ ମୋ ପାଇଁ ଏକଦମ୍ ନୂଆ କଥା; ଘୃଣା ବା ଅଶ୍ରଦ୍ଧାର ପ୍ରକ୍ରିୟାକୁ ମୁଁ କେବେହେଲେ ଲକ୍ଷ୍ୟ କରି ନାହିଁ।"

କ୍ରିଷ୍ଣମୂର୍ତ୍ତି : ତେବେ ଆସ ଏବେ ସେପରି କରିବା; ଦେଖିବା କଣ ଘଟୁଛି। ଆମେ ନିଷ୍କ୍ରିୟ ଭାବରେ ଲକ୍ଷ୍ୟ କରି ଦେଖିବା ଘୃଣା ବା ଅଶ୍ରଦ୍ଧାଟା କିପରି ନିଜକୁ ଖୋଲି ମେଲି ଦେବାରେ ଲାଗିଛି।

ଏଥିରେ ଚମକି ଯାଅ ନାହିଁ, ତାକୁ ଦୋଷ ଦିଅ ନାହିଁ କି କୌଣସି ଆଳ, ବାହାନା କାଢ଼ ନାହିଁ। ବାସ୍, ଖାଲି ନିଷ୍କ୍ରିୟ ଭାବରେ ତାକୁ ଲକ୍ଷ୍ୟ କରି ଦେଖ। ଘୃଣାଟା ଏକ ଧରଣର ନୈରାଶ୍ୟ ନୁହେଁ କି? ବାସନା-ସିଦ୍ଧି ପରିପୂର୍ଣ୍ଣତା ଓ ନୈରାଶ୍ୟ ସଦାବେଳେ ଏକାଠି ଥାଏ।

ଆଚ୍ଛା କହିଲ, କେଉଁଥିରେ ତମର ଆଗ୍ରହ ଅଛି– ପେସା ହିସାବରେ ନୁହେଁ, ଅନ୍ତର ଭିତରେ ତମେ କେଉଁଥିରେ ଆଗ୍ରହୀ?

ଆଗନ୍ତୁକ : "ମୁଁ ଛବି ଆଙ୍କିବାକୁ ବହୁତ ଭଲ ପାଉଥିଲି।"

କ୍ରିଷ୍ଣମୂର୍ତ୍ତି : ତେବେ ଆଙ୍କିଲ ନାହିଁ କାହିଁକି?

ଆଗନ୍ତୁକ : "ମୋର ବାପା ସବୁବେଳେ ଜିଦ୍ କରୁଥିଲେ ଯେ ମୁଁ ଏମିତି କିଛି କାମ ନ କରେ ଯେଉଁଥିରେ କି ଟଙ୍କାପଇସା ମିଳିବାର ସୁଯୋଗ ନଥିବ। ସେ ବଡ଼ ଜବରଦସ୍ତିଆ ଲୋକ ଥିଲେ ଆଉ ତାଙ୍କ ପାଇଁ ଟଙ୍କା ଥିଲା ସବୁକିଛି। ସେ ଜୀବନରେ ଏଭଳି କୌଣସି କାର୍ଯ୍ୟ କରୁ ନଥିଲେ ଯେଉଁଥିରେ କି ଟଙ୍କାର ଲାଭ ନଥିବ, କି ତା ଦ୍ୱାରା ତାଙ୍କୁ ଅଧିକ ମାନସମ୍ମାନ, ଅଧିକ କ୍ଷମତା ମିଳୁ ନଥିବ। ସେଇ 'ଅଧିକ' ହିଁ ଥିଲା ତାଙ୍କ ପାଇଁ ଭଗବାନ; ଆଉ ଆମେ ସବୁ ଥିଲୁ ତାଙ୍କରି ପିଲା। ଯଦିଓ ମୁଁ ତାଙ୍କୁ ଭଲ ପାଉଥିଲି ତଥାପି ଅନେକ ବିଷୟରେ ମୁଁ ତାଙ୍କ ସହିତ ଅସହମତ ଥିଲି। ଟଙ୍କା ପଇସା ଚାହିଦାର ଏଇ ଭାବଟା ମୋ ଭିତରେ ଗଭୀର ଭାବରେ ଥାପି ଦିଆ ଯାଇଥିଲା। ମୁଁ ଯେ ଶିକ୍ଷକତା କରିବାକୁ ଭଲ ପାଉଥିଲି– ହୋଇପାରେ। କାରଣ ତା ଦ୍ୱାରା ମୁଁ ହୁକୁମ୍ ଚଳାଇବା ଦେଖାଇବାର ସୁଯୋଗ ପାଉଥିଲି। ମୋର ଛୁଟିଦିନ ମାନଙ୍କରେ ମୁଁ ଚିତ୍ର କରୁଥିଲି, କିନ୍ତୁ ମତେ କାହିଁକି ତାହା ବଡ଼ ଅସନ୍ତୋଷଜନକ ମନେ ହେଉଥିଲା। ଯେଉଁଥିରେ ମୁଁ ମୋର ସାରା ଜୀବନ ସମର୍ପଣ କରିଦେବାକୁ ଚାହୁଁଥିଲି, ତାକୁ ମୁଁ ବର୍ଷକୁ ମାତ୍ର ଦୁଇମାସ ଖଣ୍ଡେ କରିବାକୁ ପାଉଥିଲି। ହଠାତ୍ ଦିନେ ମୁଁ ଚିତ୍ର ଆଙ୍କିବା ବନ୍ଦ କରିଦେଲି କିନ୍ତୁ ଅନ୍ତର ଭିତରେ ସେ ବହ୍ନି ସେମିତି ଜଳିବାରେ ଲାଗିଥିଲା। ଏବେ ମୁଁ ଦେଖିପାରୁଛି, ତାହା କେମିତି ମୋ ଭିତରେ ବିରୋଧ ଭାବ, ପ୍ରତିକୂଳତା ଜାତ କରାଉଥିଲା।"

କ୍ରିଷ୍ଣମୂର୍ତ୍ତି : ତମେ ବିବାହ କରିଥିଲ କି? ତମର ପୁଅ ଝିଅ ଅଛନ୍ତି?

ଆଗନ୍ତୁକ : "ଜଣେ ବିବାହିତ ବ୍ୟକ୍ତିଙ୍କୁ ମୁଁ ଭଲ ପାଉଥିଲି; ଆମେ ଲୁଚିକରି ଏକାଠି ରହୁଥିଲୁ। ତାଙ୍କର ସ୍ତ୍ରୀ ଓ ପିଲାପିଲିଙ୍କୁ ମୁଁ ପ୍ରଚଣ୍ଡ ଭାବରେ ଈର୍ଷା କରୁଥିଲି। ନିଜେ ସନ୍ତାନ ଜନ୍ମ କରିବାକୁ ଯଦିଓ ମୋର ବହୁତ ଇଚ୍ଛା ଥିଲା, ମୁଁ କିନ୍ତୁ ଭୟ କରୁଥିଲି। ସବୁ ପ୍ରକାର ସ୍ୱାଭାବିକ ଜିନିଷ, ଦୈନନ୍ଦିନ ସାହଚର୍ଯ୍ୟ ଇତ୍ୟାଦି ମତେ ମିଳୁ ନଥିଲା; ଆଉ ତା ସାଙ୍ଗକୁ ଈର୍ଷାର ବହ୍ନି ମତେ ନିଃଶେଷ କରି ଚାଲିଥିଲା। ତା ପରେ ସିଏ ଦିନେ ଅନ୍ୟ ଏକ ସହରକୁ ଚାଲିଗଲେ, କିନ୍ତୁ ମୋର ଈର୍ଷା ସେମିତି ଲାଗି ରହିଥିଲା। ତାକୁ ସହି ହେଉ ନଥିଲା। ଏସବୁକୁ ଭୁଲିଯିବା ପାଇଁ ମୁଁ ଶିକ୍ଷକତାକୁ ଅଧିକ ଉତ୍ସାହରେ ସମ୍ପାଦିବାକୁ ଲାଗିଲି। କିନ୍ତୁ ଏବେ ଦେଖୁଛି ଯେ ମୁଁ ସେମିତି ଈର୍ଷାପରାୟଣ ରହିଯାଇଛି– ତାଙ୍କ ନେଇ ନୁହେଁ, ସେ ତ ଏବେ ଆଉ ଦୁନିଆରେ ନାହାନ୍ତି– କିନ୍ତୁ ସୁଖୀ ଲୋକମାନଙ୍କ ପ୍ରତି, ବିବାହିତ ଲୋକମାନଙ୍କ ପ୍ରତି, ସଫଳତା ଲାଭ କରିଥିବା ଲୋକମାନଙ୍କ ପ୍ରତି– କହିବାକୁ ଗଲେ ସମସ୍ତଙ୍କ ପ୍ରତି ମୁଁ ଈର୍ଷାନ୍ୱିତା। ଆମେ ଦିହେଁ ଯାହା ହୋଇ ପାରିଥାନ୍ତୁ, ସେଥିରୁ ଆମକୁ ବଞ୍ଚିତ କରାଗଲା।"

କ୍ରିଷ୍ଣମୂର୍ତ୍ତି : ଈର୍ଷା ହିଁ ହେଉଛି ଘୃଣା; ନୁହେଁ କି? ତମେ ଯଦି ପ୍ରକୃତରେ ଭଲ ପାଉଥାଅ ତେବେ ସେଥିରେ ଅନ୍ୟ କିଛିର ସ୍ଥାନ ନଥାଏ। ମାତ୍ର ଆମେ ସବୁ କେବେ ହେଲେ ଭଲପାଉ ନାହିଁ; ଧୂଆଁ ଆମ ଜୀବନକୁ ରୁଦ୍ଧ କରିଦିଏ ଆଉ ଶିଖାଟି କାହିଁ ଲିଭିଯାଏ।

ଆଗନ୍ତୁକ : "ହଁ, ଏବେ ମୁଁ ଦେଖିପାରୁଛି ଯେ ମୋର ସ୍କୁଲ କ୍ଷେତ୍ରରେ, ମୋର ବିବାହିତା ଭଉଣୀମାନଙ୍କ ସହିତ ସମ୍ପର୍କ କ୍ଷେତ୍ରରେ, ମୋର ପ୍ରାୟ ସମସ୍ତ ସମ୍ପର୍କ କ୍ଷେତ୍ରରେ– ମୋ'ଠାରେ, ମୋ ଅନ୍ତର ଭିତରେ ଏକ ସଂଘର୍ଷ ହିଁ ଚାଲିଥିଲା; ଖାଲି ତା ଉପରେ ପରଦାଟିଏ ଢାଙ୍କି ହୋଇ ରହିଥିଲା। ମୁଁ ଜଣେ ଆଦର୍ଶ ଶିକ୍ଷୟିତ୍ରୀରେ ପରିଣତ ହେଉଥିଲି– ଜଣେ ଆଦର୍ଶ ଶିକ୍ଷୟିତ୍ରୀ ହେବା ମୋର ଲକ୍ଷ୍ୟ ଥିଲା– ଆଉ ଲୋକେ ମତେ ସେହି ଦୃଷ୍ଟିରେ ଦେଖୁଥିଲେ ମଧ୍ୟ।"

କ୍ରିଷ୍ଣମୂର୍ତ୍ତି : ଆଦର୍ଶଟା ଯେତେ ବଳିଷ୍ଠ ହୁଏ, ତାକୁ ଦମନ କରିବାଟା ସେତିକି ପ୍ରଗାଢ଼ ହୁଏ, ତାର ଦ୍ୱନ୍ଦ୍ୱ ଓ ବିରୋଧିଭାବ ମଧ୍ୟ ସେହି ଅନୁଯାୟୀ ଗଭୀରତର ହୁଏ।

ଆଗନ୍ତୁକ : "ହଁ, ଏବେ ମୁଁ ସେଇକଥା ଦେଖିପାରୁଛି; କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ, ଏଇକଥା ଦେଖୁଥିବାବେଳେ, ମୁଁ ପ୍ରକୃତରେ ଯାହା ରହିଛି, ସେଥିନେଇ ମୋର ଟିକିଏ ହେଲେ କ୍ଷୋଭ ଆସୁ ନାହିଁ।"

କ୍ରିଷ୍ଣମୂର୍ତ୍ତି : ତମର ସେଥିପ୍ରତି ଖାତିର ନାହିଁ, କାରଣ ସେଥିରେ ଏକ ପ୍ରକାର ନିଷ୍ଠୁରତାର ସନ୍ତକ ରହିଛି; ନୁହେଁ କି? ସେଇସବୁ ଜାଣିବାରେ ତମକୁ ଗୋଟାଏ ଆମୋଦ ମିଳୁଛି; ଏହା ତମକୁ ଶକ୍ତି ଦେଉଛି, ତମଠାରେ ଜାଣିବାର ଏକ ପ୍ରତ୍ୟୟ ଆଣି ଦେଉଛି, ତମକୁ ଜ୍ଞାନ ଲାଭର କ୍ଷମତା ଦେଉଛି। ଠିକ୍ ଯେମିତି ଈର୍ଷା– ସେ ଯେତେ କଷ୍ଟଦାୟକ ହେଉ ପଛେ– ତମକୁ ଏକ ଆମୋଦର ଭାବ ଆଣି ଦେଉଥିଲା। ଠିକ୍ ସେମିତି ତମ ଅତୀତ ବିଷୟରେ ଜ୍ଞାନ ତମଠାରେ ଏକ ମାଲିକତ୍ୱର ଭାବ ଆଣିଦେଉଛି ଓ ତାହା ମଧ୍ୟ ଆମୋଦକର ବୋଧ ହେଉଛି। ଏବେ ତମେ ଈର୍ଷା ବଦଳରେ, ନୈରାଶ୍ୟ ବଦଳରେ, ଏକାକୀନୀ ହୋଇଯିବା ବଦଳରେ ଗୋଟିଏ ନୂଆ ଶବ୍ଦ ପାଇଛ– ତାହା ହେଲା ଘୃଣା ବା ଅଶ୍ରଦ୍ଧା ଓ ସେହି ଘୃଣାକୁ ଜାଣି ପାରିବାର ଜ୍ଞାନ। ଏ ପ୍ରକାର ଜାଣି ନେଇ ପାରିବାରେ ଗର୍ବ ନିହିତ ଅଛି, ଯାହା କି ହେଉଛି ବିରୋଧିତାର ଅନ୍ୟ ଏକ

ରୂପ। ଗୋଟିଏ ବଦଳିଆ ଜିନିଷରୁ ଆମେ ଅନ୍ୟ ଏକ ପ୍ରତିବଦଳକୁ ଧରିବାକୁ ଯାଉ ସିନା, କିନ୍ତୁ ବାସ୍ତବତଃ ପ୍ରତିବଦଳ ମାତ୍ରକେ ହିଁ ସମାନ, ଯଦିଓ ଭାଷାରେ ସେଗୁଡ଼ିକୁ ଭିନ୍ନ ଭିନ୍ନ କରି କୁହାଯାଇପାରେ। ତେଣୁ ଦେଖ, ତମେ ତମ ନିଜ ଭାବନାର ଜାଲରେ କେମିତି ନିଜେ ଛନ୍ଦି ହୋଇ ରହିଛ; ନୁହେଁ କି?

ଆଗନ୍ତୁକ : "ହଁ, କିନ୍ତୁ ତା ବଦଳରେ ଆଉ କଣ ବା କରିହେବ?"

କ୍ରିଷ୍ଣମୂର୍ତ୍ତି : ସେ କଥା ପଚାର ନାହିଁ, କେବଳ ତମ ନିଜ ଭାବନାର କ୍ରିୟା ପ୍ରକ୍ରିୟାକୁ ଲକ୍ଷ୍ୟ କରି ଦେଖ। ତାହା କେଡ଼େ ଧୂର୍ତ୍ତ, କେଡ଼େ ପ୍ରବଞ୍ଚନାମୟ! ତାହା ମୁକ୍ତି ଆଣିଦେବ ବୋଲି ପ୍ରତିଶ୍ରୁତି ଦିଏ କିନ୍ତୁ ପୁଣି ଏକ ସମସ୍ୟା, ପୁଣି ଏକ ବିରୋଧିତା ସୃଷ୍ଟି କରେ। ଖାଲି ନିଷ୍କ୍ରିୟ ଭାବରେ ତାହାକୁ ଲକ୍ଷ୍ୟ କର ଓ ତାର ସତ୍ୟତାକୁ ସେମିତି ରହିବାକୁ ଛାଡ଼ିଦିଅ।

ଆଗନ୍ତୁକ : "ଏ ଈର୍ଷା, ଘୃଣା, ଅବିରତ ରୁଦ୍ଧ ସଂଗ୍ରାମରୁ ସତରେ କଣ ମୁକ୍ତି ମିଳିପାରିବ?"

କ୍ରିଷ୍ଣମୂର୍ତ୍ତି : ତମେ ଯେତେବେଳେ ସକାରାତ୍ମକ ଭାବରେ ହେଉ ବା ନକାରାତ୍ମକ ଭାବରେ ହେଉ କିଛି ଆଶା କରୁଥାଅ– ସେତେବେଳେ ତମେ ନିଜର କାମନାକୁ ପ୍ରକ୍ଷେପିତ କରୁଥାଅ; ତମ କାମନାରେ ତମେ ସଫଳ ହୋଇପାରିବ ସତ ମାତ୍ର ତାହା ହେବ ଆଉ ଗୋଟିଏ ପ୍ରତିବଦଳ– ଆଉ ତଦ୍ୱାରା ସେ ସଂଗ୍ରାମ ସେମିତି ଚାଲୁ ରହିଥିବ। କିଛି ଲାଭ କରିବା ବା କିଛିକୁ ଆଡ଼େଇ ଯିବା ହେଉଛି ପ୍ରତିରୋଧର ପରିସରଭୁକ୍ତ; ନୁହେଁ କି? ମିଥ୍ୟାକୁ ମିଥ୍ୟା ବୋଲି ଦେଖ, ତା ହେଲେ ତମେ ସତ୍ୟର ସନ୍ଧାନ ପାଇବ। ତମର ସତ୍ୟକୁ ଖୋଜିଯିବା ଦରକାର ନାହିଁ। ତମେ ଯାହା ଖୋଜୁଥାଅ, ତାହା ତ ପାଇଯିବ– କିନ୍ତୁ ତାହା ସତ୍ୟ ହୋଇ ନଥିବ। ଏଇଟା ହେଉଛି ଜଣେ ସନ୍ଦେହୀ ଲୋକ ଯାହା ଅନୁମାନ କରୁଥାଏ ତାକୁ ପାଇବା ଭଳି କଥା– ଏହା ତ ଅପେକ୍ଷାକୃତ ସହଜ ଓ ନିରର୍ଥକ ମଧ୍ୟ। ଏହି ସମଗ୍ର ଭାବନାର କ୍ରିୟା ପ୍ରକ୍ରିୟା ବିଷୟରେ ତଥା ଏଥିରୁ ମୁକ୍ତ ହେବାର କାମନା ବିଷୟରେ ନିଷ୍କ୍ରିୟ ଭାବରେ କେବଳ ସଚେତନ ରହ ତ ଦେଖି।

ଆଗନ୍ତୁକ : "ଏସବୁ ଜିନିଷ ମୋ ଲାଗି ଏକ ଅଦ୍ଭୁତ ଆବିଷ୍କାର ସଦୃଶ। ଆପଣଙ୍କ କଥାର ସତ୍ୟତାକୁ ମୁଁ ଦେଖିବାକୁ ଆରମ୍ଭ କରୁଛି। ଆଶାକରେ ଏ ଦ୍ୱନ୍ଦ୍ୱକୁ ପାରିହେବା ପାଇଁ ବେଶୀ ବର୍ଷ ଲାଗିବ ନାହିଁ। ଆରେ ହେଇ ତ, ମୁଁ ପୁଣି ଆଶା କରିବାରେ ଲାଗିଲି! ଖାଲି ନୀରବରେ ଲକ୍ଷ୍ୟ କରି ଦେଖେଁ କଣ ଘଟୁଛି।"

**ଜୀବନ ଚର୍ଚ୍ଚା**
**୨ୟ ଭାଗରୁ ସଂଗୃହୀତ**

# ସମୟ

ଏଠି ଗୋଟିଏ ଗପ କହିବାର ଲୋଭ ମୁଁ ସମ୍ଭାଳି ପାରୁନାହିଁ– ଥରେ ଜଣେ ମହାନ୍ ଭକ୍ତ ସତ୍ୟ ସମ୍ବନ୍ଧରେ ଜ୍ଞାନ ଲାଭ ପାଇଁ ଭଗବାନଙ୍କ ପାଖକୁ ଯାଇ ଅଳି କଲେ। ଭଗବାନ କହିଲେ 'ଦେଖୁଛ ତ ବାବୁ, ଆଜି କେଡ଼େ ଗରମ ପଡିଛି। ମତେ ଗିଲାସେ ପାଣି ଆଣି ଦେଇ ପାରିବ?' ଭକ୍ତ ସାଙ୍ଗେ ସାଙ୍ଗେ ବାହାରି ଗଲେ ପାଣି ଆଣିବାକୁ। ବାଟରେ ଯାଉ ଯାଉ ଯୋଉଠି ପ୍ରଥମ ଘରଟି ପଡ଼ିଲା, ସେଇଠି ସେ ଅଟକି ଯାଇ କବାଟରେ ଖଡ଼ ଖଡ଼ କଲେ। ଭିତରୁ ସୁନ୍ଦରୀ ନାରୀଟିଏ ଆସି କବାଟ ଖୋଲିଲା। ଭକ୍ତଟି ସେଇ ନାରୀର ପ୍ରେମରେ ପଡ଼ିଗଲେ, ଆଉ ତାକୁ ବାହାହେଇ ସେଇଠି ରହିଗଲେ। ସେମାନଙ୍କର କେତୋଟି ପିଲା ମଧ୍ୟ ହେଲେ। ତା ପରେ ଦିନେ ମେଘ ବର୍ଷିବାକୁ ଆରମ୍ଭ କଲା। ସେ ମେଘ ଏମିତି ବର୍ଷିବାରେ ଲାଗିଲା ଯେ, ଆଉ ଛାଡିବାର ନାଆଁ ଧରିଲା ନାହିଁ। ଚାରିଆଡ଼ ପାଣିରେ ଉଛୁଳିଲା, ରାସ୍ତାଘାଟ, ନାଳନାଳୀ ସବୁଠି ପାଣିର ସୁଅ ଛୁଟିଲା, ଘରଦ୍ୱାର ସବୁ ଭାସିଗଲା। ବିଚରା ଭକ୍ତ ନିଜ ସ୍ତ୍ରୀର ହାତଟିକୁ ଧରି, ପିଲାମାନଙ୍କୁ କାନ୍ଧରେ ବସାଇ ଯାଉ ଯାଉ ହଠାତ୍ ପାଣିର ସୁଅ ଆସି ତାଙ୍କୁ ଭସେଇ ନେଲା ବେଳକୁ ସେ ବିକଳରେ ଡାକ ଛାଡ଼ିଲେ 'ହେ ଭଗବାନ! ମତେ ରକ୍ଷା କର।' ଭଗବାନ କହିଲେ– ମୁଁ ପରା ତମକୁ ପାଣି ଗିଲାସେ ପାଇଁ କହିଥିଲି! ପାଣି କାହିଁ?

ବେଶ୍ ସୁନ୍ଦର ଗପଟିଏ କାରଣ ଆମ ଭିତରୁ ଅଧିକାଂଶ ସମୟକୁ ଧରି ସେଇ ହିସାବରେ ସବୁ କଥାକୁ ଚିନ୍ତା କରିଥାନ୍ତି। ସମୟକୁ ଧରି ତ ମଣିଷ ଜୀବନ ବିତାଇ ଥାଏ, ଆଉ ବିପଦରୁ ନିସ୍ତାର ପାଇବା ପାଇଁ ଭବିଷ୍ୟତ କାଳକୁ ଉଦ୍ଭାବନ କରିଥାଏ।

ଆମେ ଭାବୁ ଯେ ସମୟ ଆସିଲେ ହିଁ ଆମଠାରେ ପରିବର୍ତ୍ତନ ଦେଖା ଦେବ, ଟିକିଏ ଟିକିଏ କରି ଶୃଙ୍ଖଳା ବି ଆସିଯିବ, ଆଉ ଦିନକୁ ଦିନ ତାହା ବଢ଼ିବାରେ ଲାଗିବ। କିନ୍ତୁ କଥା ହେଲା, ସମୟ ଦ୍ୱାରା କେବେ ଶାନ୍ତି ବା ଶୃଙ୍ଖଳା ଆସିପାରେ ନାହିଁ। ତେଣୁ କ୍ରମେ କ୍ରମେ ହେଇଯିବ ବୋଲି ଏଇ ଯୋଉ କଥାଟା, ତାକୁ ଆମେ ପୂରାପୂରି ଭାବେ ଆମ ଚିନ୍ତାରୁ ବାଦ୍ ଦେଇଦେବା ଦରକାର। ଏହାର ଅର୍ଥ ହେଲା ଶାନ୍ତିଲାଭ ପାଇଁ ଆମେ ଆସନ୍ତା କାଲି ପର୍ଯ୍ୟନ୍ତ ଅପେକ୍ଷା କରିବା କଥା ନୁହେଁ। ଏଇ ମୁହୂର୍ତ୍ତରୁ ହିଁ ଆମକୁ ଶୃଙ୍ଖଳିତ ହେବାକୁ ପଡ଼ିବ।

ଯେତେବେଳେ ଗୋଟାଏ ପ୍ରକୃତ ବିପଦ ଆସି ତମ ସାମନାରେ ହାବୁଡ଼ିଯାଏ, ସେତେବେଳେ ସମୟ କଥାଟା କାହିଁ ଉଡେଇ ଯାଏ ନୁହଁ କି? ସେତେବେଳେ ଯେଉଁ କାର୍ଯ୍ୟ କରିବା କଥା ତାହା ତତ୍କ୍ଷଣାତ୍ କରାଯାଏ। କିନ୍ତୁ ନିଜର ଅନେକ ସମସ୍ୟାର ବିପଦକୁ ଆମେ

ଦେଖିପାରୁ ନାହିଁ, ଆଉ ଖାସ୍ ସେଇଥିପାଇଁ ସେଇସବୁ ସମସ୍ୟାକୁ ପାରିହେବା ଲାଗି ଆମେ ସମୟ କଥାଟାକୁ ଉଭାବନ କରିଥାଉ। ସମୟଟା ହେଲା ଏକ ପ୍ରତାରକ, କାରଣ ତାହା ଆମଠାରେ ଏତେ ଟିକିଏ ବି ପରିବର୍ତ୍ତନ ଆଣିବାରେ କୌଣସି ପ୍ରକାର ସହାୟତା କରେ ନାହିଁ। ସମୟଟା ହେଲା ଏକ ଗତିସ୍ରୋତ ଯାହାକୁ ମଣିଷ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ରୂପେ ଭାଗ କରି ଦେଇଛି। ଆଉ ଯେ ପର୍ଯ୍ୟନ୍ତ ସେ ଏହି ବିଭାଜନକୁ ଚାଲୁ ରଖିଥିବ, ସେ ପର୍ଯ୍ୟନ୍ତ ସେ ସଦାବେଳେ ଏମିତି ଦ୍ୱନ୍ଦ୍ୱ ସଂଘର୍ଷରେ ଘାଣ୍ଟି ହେଉଥିବ।

ଶିଖିବା ପାଇଁ କଣ ସମୟର ଦରକାର ପଡ଼େ? ହଜାର ହଜାର ବର୍ଷ ଧରି ପ୍ରଚାର ଚାଲିଛି ଯେ ପରସ୍ପରକୁ ଘୃଣା ନ କରି, ହଣାହଣି ନ କରି ମଧ ଉନ୍ନତ ପ୍ରକାରେ ବଂଚି ରହିବାର ଏକ ମାର୍ଗ ଅଛି। କିନ୍ତୁ କାହିଁ, ଆମେ ତ କିଛି ହେଲେ ଶିଖି ପାରିଲୁ ନାହିଁ? ଏଇ ଯୋଉ ଜୀବନ, ଯାହାକୁ ଏଭଳି ବିଭତ୍ସ, ନିରର୍ଥକ କରି ଗଢ଼ିବାରେ ଆମେ ହିଁ ହାତ ମିଳାଇଛୁ, ଏହାର ସମାଧାନ କରିବାକୁ ହେଲେ ଏଇ ସମୟଜନିତ ସମସ୍ୟାଟିକୁ ଆମର ବୁଝିନେବା ଅତ୍ୟନ୍ତ ଦରକାର।

ଏହାକୁ ବୁଝିବାର ପ୍ରଥମ କଥାଟି ହେଲା– ସମୟ ଜିନିଷଟିକୁ ବୁଝିବାକୁ ହେଲେ, ତାହା କେବଳ ସତେଜ ଓ ନିରୀହ ମନ ଦ୍ୱାରା ହିଁ ସମ୍ଭବପର ହୁଏ– ଏ ସମ୍ବନ୍ଧରେ ତ ଆମେ ପୂର୍ବରୁ କହି ସାରିଛୁ। ଆମେ ନିଜର ଯାବତୀୟ ସମସ୍ୟା ନେଇ ଏତେ ବେଶୀ ବ୍ୟସ୍ତ ବିବ୍ରତ ଥାଉ ଯେ ସେଇ ଗୋଳମାଳ ଭିତରେ ହଜିଯାଉ। ଯେତେବେଳେ ଜଙ୍ଗଲ ଭିତରେ ଜଣେ ବାଟବଣା ହେଇଯାଏ, ପ୍ରଥମେ ସେ କ'ଣ କରେ? ସେ ସେଇଠି ଛିଡା ହେଇଯାଏ, ନୁହଁ କି? ସେଇଠି ରହିଯାଇ, ଚାରିଆଡ଼କୁ ଚାହିଁ ଦେଖେ। କିନ୍ତୁ ଆମେ କ'ଣ କରୁ? ଆମେ ଯେତେ ବେଶୀ ବିଭ୍ରାନ୍ତ ହେଉ, ଯେତେ ବେଶୀ ଏ ଜୀବନ ଭିତରେ ହଜିଯାଉ, ସେତେ ବେଶୀ ବେଶୀ ଚାରିଆଡ଼କୁ ଧାଇଁଥାଉ– ଖୋଜା ଖୋଜି କରୁ, ପଚରା ଉଚୁରା କରୁ, ହାତ ପତାଇ ମାଗୁ। ତେଣୁ ମୋ ପ୍ରସ୍ତାବଟି ହେଲା– ପ୍ରଥମେ ତମେ ନିଜ ଅନ୍ତରରେ ସଂପୂର୍ଣ୍ଣ ଭାବେ ସ୍ଥିର ହେଇଯାଅ। ଆଉ ଯେତେବେଳେ ତମେ ନିଜର ଅନ୍ତରରେ, ମନସ୍ତାତ୍ତ୍ୱିକ ସ୍ତରରେ ପ୍ରକୃତରେ ସ୍ଥିର ହେଇଯାଅ, ସେତେବେଳେ ତମର ମନ ଅତିରିକ୍ତ ଶାନ୍ତ ପଡ଼ିଯାଏ ଓ ଅତି ସ୍ୱଚ୍ଛ ହେଇଯାଏ। ସେତେବେଳେ ପ୍ରକୃତ ପକ୍ଷରେ ତମେ ସମୟର ଏହି ସମସ୍ୟାକୁ ଠିକ୍ ଠିକ୍ ଭାବେ ବୁଝିଥାଅ।

ସମସ୍ତ ସମସ୍ୟାର ମୂଳ ସମୟ ମଧ୍ୟରେ ହିଁ ରହିଥାଏ, ଅର୍ଥାତ୍ କୌଣସି ପ୍ରସଙ୍ଗକୁ ସଂପୂର୍ଣ୍ଣ ଭାବରେ ନ ଦେଖି ଅଧାଚିଆ କରି ଦେଖିଲେ ସମସ୍ୟାଟି ମୁଣ୍ଡ ଟେକେ। ଏମିତି ଅଧାଚିଆ କରି କୌଣସି ପ୍ରସଙ୍ଗକୁ ଦେଖିବା ଦ୍ୱାରା ହିଁ ସମସ୍ୟାର ସୃଷ୍ଟି ହୋଇଥାଏ। ଯେତେବେଳେ କୌଣସି ଚାଲେଞ୍ଜ ବା ଆହ୍ୱାନକୁ ଆମେ ଆଂଶିକ ଭାବରେ, ଖଣ୍ଡ ଖଣ୍ଡ ଭାବରେ ତା'ର ମୁକାବିଲା କରୁ ବା ତା ନିକଟରୁ ଖସି ପଳେଇ ଯିବାର ଚେଷ୍ଟା କରୁ– ତା ଅର୍ଥ ଯେତେବେଳେ ଆମେ ପୂରା ମନୋଯୋଗ ସହକାରେ ତାକୁ ଦେଖୁ ନାହିଁ– ସେତେବେଳେ ଆମେ ସମସ୍ୟାଟିକୁ ସୃଷ୍ଟି କରିଥାଉ। ଆଉ ଯେ ପର୍ଯ୍ୟନ୍ତ ଆମେ ସମସ୍ୟାଟି ପ୍ରତି ଏମିତି ଆଂଶିକ ମନୋଯୋଗ ଦେଉଥିବୁ, ଏଇ ସମସ୍ୟାର ସମାଧାନ '**କେବେ ଗୋଟାଏ**' କରିନେଇ ପାରିବୁ ବୋଲି ଆଶାରଖି ବସିଥିବୁ, ସେ ପର୍ଯ୍ୟନ୍ତ ସମସ୍ୟାଟି ସେମିତି ଲାଗି ରହିଥିବ।

**'ପରିଚିତିରୁ ମୁକ୍ତି'ରୁ ସଂଗୃହୀତ**

# ମୃତ୍ୟୁ ଭୟ

**ପ୍ରଶ୍ନକର୍ତ୍ତା** : ସମସ୍ତେ ଜାଣନ୍ତି ଆମେ ଦିନେ ହେଲେ ମରିବା। ତା ହେଲେ ଆମେ ସବୁ ମୃତ୍ୟୁକୁ ଏତେ ଭୟ କରୁ କାହିଁକି?

**କ୍ରିଷ୍ଣମୂର୍ତ୍ତି** : ତମେ କୋଉଥି ପାଇଁ ମୃତ୍ୟୁକୁ ଭୟ କରୁଛ? କେମିତି କରି ବଞ୍ଚିବାକୁ ହୁଏ ଜାଣିନ ବୋଲି କଣ ତମେ ଡରୁଛ? ତମେ ଯଦି ଖାଲି ଜାଣନ୍ତ କିପରି ଭାବରେ ସମ୍ପୂର୍ଣ୍ଣ ରୂପେ ବଞ୍ଚି ହୁଏ, ତମେ କଣ ମୃତ୍ୟୁକୁ ଆଉ ଡରନ୍ତ? ତମେ ଯଦି ପ୍ରକୃତରେ ଭଲ ପାଉଥାନ୍ତ ଏଇ ଗଛମାନଙ୍କୁ, ସୂର୍ଯ୍ୟାସ୍ତକୁ, ଚଢ଼େଇଗୁଡ଼ାଙ୍କୁ, ଝରାପତ୍ରକୁ; ତମେ ଯଦି କିବା ସ୍ତ୍ରୀ କିବା ପୁରୁଷଙ୍କର ବିକଳ କାନ୍ଦଣା ପ୍ରତି ସଚେତନ ରହିପାରନ୍ତ, ଗରିବଗୁରୁବା ମାନଙ୍କ ପ୍ରତି ସଚେତନ ହୁଅନ୍ତ, ତମ ଅନ୍ତରଟା ଯଦି ପ୍ରକୃତରେ ତାଙ୍କ ପ୍ରତି ଭଲ ପାଇବାରେ ପୁରି ଉଠନ୍ତା, ତେବେ ତମେ କଣ ମୃତ୍ୟୁକୁ ଆଉ ଭୟ କରନ୍ତ? କୁହ, କରନ୍ତ କି? ମୋ କଥାକୁ ଖାଲି ମାନି ନିଅ ନାହିଁ। ଆସ ଆମେ ସମସ୍ତେ ମିଶି ତା ବିଷୟରେ ଭାବି ଦେଖିବା। ତମ ମନରେ ଆନନ୍ଦ ନାହିଁ, ତମେ ସୁଖୀ ନୁହଁ, ତମେ ନିବିଡ଼ ଭାବରେ ଦରଦୀ ନୁହଁ; ସେଇଥିପାଇଁ କଣ ତମେ ପଚାରୁଛ ଯେ ମଲାପରେ କ'ଣ ହୁଏ? ଜୀବନଟା ତମ ପାଇଁ ଦୁଃଖ ଛଡ଼ା ଆଉ କିଛି ନୁହେଁ, ତେଣୁ ମରଣ ପାଇଁ ତମର ଏତେ ବେଶୀ ଆଗ୍ରହ, ଏତେ କୌତୁହଳ। ତମେ ଭାବୁଛ ମଲା ପରେ ହୁଏତ ସୁଖ ମିଳିବ। କିନ୍ତୁ ସେଇଟା ତ ଗୋଟାଏ ଦୁର୍ବୋଧ ବିଷୟ, ଆଉ ତା ଭିତରକୁ ପଶିବାକୁ ତମେ ଚାହୁଁଛ କି ନାହିଁ ମୁଁ ଜାଣେ ନାହିଁ। ମୋଟ ଉପରେ ଏ ସବୁ ଜିନିଷର ମୂଳରେ ରହିଛି ଭୟ– ମରିବାର ଭୟ, ବଞ୍ଚିବାର ଭୟ, ଦୁଃଖ ଯନ୍ତ୍ରଣା ଭୋଗିବାର ଭୟ। ଭୟଟା କୋଉଥି ପାଇଁ ହଉଛି ସେ କଥା ଆଗ ଭଲ କରି ବୁଝି, ତା କବଳରୁ ମୁକ୍ତ ନ ହେଲା ଯାଏ, ତମ ବଞ୍ଚିବା କି ମରିବାରେ ବିଶେଷ କିଛି ପ୍ରଭେଦ ନାହିଁ।

**'ଆଗାମୀ ଜୀବନ'ରୁ ସଂଗୃହୀତ**

# ଜେ. କୃଷ୍ଣମୂର୍ତ୍ତିଙ୍କ ସ୍ମୃତିରୁ କିଛି...

ଲୋକଟି କହିଲା ଯେ ତା' ପୂର୍ବଦିନ ବାଘଟାଏ ମାତି ଗୋଟାଏ ମଇଁଷିକୁ ମାରିଦେଇଛି, ଆଉ ସେ ବାଘଟା ନିଶ୍ଚୟ ସେଇ ଦିନ ବି ଆସିବ। ସେ ପଚାରିଲା ସଞ୍ଜ ପରେ ଆମେ ସବୁ କ'ଣ ସେଇ ବାଘଟିକୁ ଦେଖିବାକୁ ଚାହୁଁ କି? ଆମେ କହିଲୁ – ହଁ, ତା'ହେଲେ ତ ଆମେ ଖୁବ୍ ଖୁସି ହବୁ। ସେଠୁ ସେ କହିଲା "ତା ହେଲେ ମୁଁ ଯାଇ ସେଇ ମଡ଼ ପାଖରେ ଗଛ ଉପରେ ମଞ୍ଚାଟାଏ ତିଆରି କରିଦେବି, ଆଉ ସେଠି ଗୋଟାଏ ଜୀଅନ୍ତା ଛେଳି ବାନ୍ଧିଦେବି। ବାଘଟା ପ୍ରଥମେ ସେଇ ଜୀଅନ୍ତା ଛେଳି ପାଖକୁ ନିଶ୍ଚୟ ଆସିବ, ଆଉ ତା ପରେ ଯାଇ ତାର ମଲା ଶିକାର ପାଖକୁ ଯିବ।" ଏ କଥା ଶୁଣି ଆମେ କହିଲୁ ଯେ ଆମେ ପଛକେ ବାଘ ନ ଦେଖିଲେ ନାହିଁ କିନ୍ତୁ ଜୀଅନ୍ତା ଛେଳିଟିକୁ ମାରି ବାଘ ଦେଖିବାର ଇଚ୍ଛା ଆମର ନାହିଁ। ତା ପରେ କିଛି ସମୟ କଥାବାର୍ତ୍ତା କରି ସେ ଲୋକଟି ଚାଲିଗଲା।

ସେ ଦିନ ସନ୍ଧ୍ୟାରେ ଆମ ବନ୍ଧୁ ଜଣକ କହିଲେ "ଚାଲ ଆମେ ଗାଡ଼ିରେ ବସି ଜଙ୍ଗଲକୁ ଯିବା। ହୁଏତ ସେଇ ବାଘଟା ସହିତ ଆମର ଭେଟ ହେଇଯାଇ ପାରେ।" ତେଣୁ ସୂର୍ଯ୍ୟାସ୍ତବେଳକୁ ଆମେ ଜଙ୍ଗଲ ଭିତରକୁ ପ୍ରାୟ ପାଞ୍ଚ ଛଅ ମାଇଲ ବାଟ ଗଲୁ କିନ୍ତୁ ବାଘ ନ ଥିଲା। ତା ପରେ ଆମେ ଗାଡ଼ିର ହେଡ୍ ଲାଇଟ୍ ଟିପି ରାସ୍ତାକୁ ଆଲୋକିତ କରି ବାଟେ ବାଟେ ଫେରିଲୁ। ବାଘ ଦେଖା ଆଶା ଆମେ ପୂରାପୂରି ଛାଡ଼ି ଦେଇଥିଲୁ। ଏମିତି କି ଗାଡ଼ି ଚଲେଇଲା ବେଳେ ବି ସେ ଭାବନା ଆମ ମୁଣ୍ଡରେ ଆଉ ନଥିଲା। ଠିକ୍ ଗୋଟିଏ କୋଣ ମୁଣ୍ଡରେ ଗାଡ଼ିଟା ମୋଡ଼ିଲାବେଳକୁ ଦେଖିଲୁ ସେ ବାଘଟା ଏକବାରେ ରାସ୍ତାର ମଝିରେ କରି ବସିଛି– ବିରାଟକାୟ ଚେହେରା, ଆଖିଗୁଡ଼ାକ ତା'ର ଖାଲି ଦାଉ ଦାଉ କରୁଥାଏ, ଆଉ ଏକ ନିସ୍ଥିରେ ସେ ଚାହିଁ ରହିଥାଏ। ଗାଡ଼ିଟା ଅଟକି ଗଲା, ଆଉ ସେ ବିରାଟକାୟ, ଭୟଙ୍କର ଜନ୍ତୁଟା ହେଣ୍ଟାଳ ଛାଡ଼ି ଛାଡ଼ି ଆମରି ଆଡ଼େ ମାଡ଼ି ଆସିଲା। ଏକବାରେ ପାଖକୁ ଚାଲି ଆସି ଠିକ୍ ଗାଡ଼ିର ଇଞ୍ଜିନ୍ ପାଖରେ କରି ଅଟକି ଗଲା। ତା ପରେ ବୁଲି ପଡ଼ି ଗାଡ଼ିର କଡ଼କୁ ଚାଲି ଆସିଲା। ପାଖ ଦେଇ ଗଲାବେଳେ ଆମେ ହାତ ବଢ଼େଇ ତାକୁ ଛୁଇଁବାକୁ ଗଲାରୁ ବନ୍ଧୁ ଜଣକ ହାତଟାକୁ ଫଟ୍ କରି ଧରି ପକେଇ ଜୋର୍‌ରେ ଭିତରକୁ ଟାଣି ଆଣିଲେ, କାରଣ ବାଘମାନଙ୍କ ବିଷୟରେ ତାଙ୍କର କିଛି ଜ୍ଞାନ ଥିଲା। ସେ ବାଘଟା ଦେଖିବାକୁ ବେଶ୍ ଲମ୍ବା ଚୌଡ଼ା ଥିଲା। ଗାଡ଼ିର ଝରକା ମେଲା ଥିବା ଯୋଗୁ ତା ଗନ୍ଧ ବି ଆସି ନାକରେ ବାଜୁଥିଲା। ସେ ଗନ୍ଧ କିଛି ଖରାପ ବି ଲାଗୁ ନଥିଲା। ତା ଠାରେ ଥିଲା ଏକ ବର୍ବର ଚଳଚଞ୍ଚଳତା, ଆଉ ତା ସହିତ ପ୍ରଚଣ୍ଡ ଶକ୍ତି ଓ ମହାନ୍ ସୌନ୍ଦର୍ଯ୍ୟ। ସେମିତି ଗର୍ଜନ ଛାଡ଼ି ଛାଡ଼ି ସେ ଜଙ୍ଗଲ ଭିତରକୁ ଚାଲିଗଲା, ଆଉ ଆମେ ଆମର ବାଟେ ବାଟେ ଘରକୁ ଫେରି ଆସିଲୁ।

**'ଏକ ହିଁ ବିପ୍ଳବ'ରୁ ସଂଗୃହୀତ**

*"The understanding of sorrow is the ending of sorrow. This requires a great deal of investigation into sorrow. Probably you have never shed tears. You have explanations for tears – karma, some cause or the other – but you have never actually suffered, never felt the intense pain of it. You are always seeking comfort, escape from sorrow, aren't you?"* **– J Krishnamurti**

*Published in January, May & September* Odia Periodical

*If undelivered, please return to:*

Cuttack Centre Krishnamurti Foundation India,
Purighat Road, Upper Telenga Bazar,
Cuttack-753 009. Orissa (INDIA)
Tel: (0671) 6417990, e-mail: jibanakatha@gmail.com

Published by Saumitra Das on behalf of Cuttack Centre Krishnamurti Foundation India, Purighat Road, Upper Telenga Bazar, Cuttack-753 009. Printed by Graphic Art Offset Press, Nuapatna, Manglabag, Cuttack-1. Editor : Punya Prava Patnaik